To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
THE SAKALA
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଏଲ୍‌ଜିଙ୍କ ବାସଭବନରେ ଅନଶନରୁ ବିରତି ହେଲେ କେଜରିୱାଲ

R.N.I. No.-42041/83 Vol-15, Issue No.344, ଭଦ୍ରକ, ବୁଧବାର, ୨୦, ଜୁନ୍ ୨୦୧୮ ■ Bhadrak, Wednesday, 20 June 2018 Rs. 2.00 Pages-8

ଭାଙ୍ଗିଲା ସରକାର

- ମେଣ୍ଟରୁ ଓହରିଲା ବିଜେପି
- ଇସ୍ତଫା ଦେଲେ ମେହେବୁବା
- ରାଜ୍ୟପାଳ ଶାସନ ପାଇଁ ପ୍ରସ୍ତୁତି ଆରମ୍ଭ
- ଆତଙ୍କବାଦୀ ଓ ପଥରଫିଙ୍ଗାଳିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତି
- ଗୃହମନ୍ତ୍ରୀଙ୍କ ବୈଠକରେ ସ୍ଥିର ହେବ ଆତଙ୍କୀ ଦମନ ରଣନୀତି

ନୂଆଦିଲ୍ଲୀ/ଶ୍ରୀନଗର, ୧୯।୬ : ଜମ୍ମୁ-କଶ୍ମୀରରେ ଶାସନ କ୍ଷମତାରେ ଥିବା ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଓ ଭାରତୀୟ ଜନତା ପାର୍ଟି (ବିଜେପି) ମେଣ୍ଟ ଭାଙ୍ଗି ଯାଇଛି । ବିଜେପି ସରକାରରୁ ଓହରିଯାଇଛି । ଏହାପରେ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ମେହେବୁବା ମୁଫତି ଇସ୍ତଫା ଦେଇଛନ୍ତି । ଏ ନେଇ ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରି ଦଳର ନିଷ୍ପତ୍ତି ଘୋଷଣା କରାଯାଇଛି । ଅନ୍ୟପକ୍ଷରେ ପିଡିପି ପକ୍ଷରୁ ବିଧାୟକ ଦଳର ଜରୁରୀକାଳୀନ ବୈଠକ ଡକାଯାଇଛି । ସୂଚନାଯୋଗ୍ୟ କି ଉଭୟ ଦଳର ୨୫ ଲେଖାଏଁ ବିଧାୟକ ରହିଛନ୍ତି ।

ଜାମ୍ମୁ ଓ କାଶ୍ମୀରରେ ପିଡିପି-ବିଜେପି ମେଣ୍ଟ ଭାଙ୍ଗିବା ପରେ ରାଜ୍ୟରେ ରାଜ୍ୟପାଳ ଶାସନ ଲାଗୁ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ଯାଇଛି । ରାଜ୍ୟପାଳ ଶାସନ ଲାଗୁ ନେଇ ଜାରି ପ୍ରସ୍ତୁତି ମଧ୍ୟରେ ଦିଲ୍ଲୀରେ ସମସ୍ତ ପ୍ରକାର ଉଚ୍ଚସ୍ତରୀୟ ବୈଠକ ଆରମ୍ଭ ହୋଇ ଯାଇଛି । ଅନ୍ୟ ପଟେ ଜାମ୍ମୁ ଓ କାଶ୍ମୀରରେ ରାଜ୍ୟର ଭବିଷ୍ୟତକୁ ନେଇ କିଛି ବଡ଼ ନିଷ୍ପତ୍ତି ନେବା ପାଇଁ ଜୋରଦାର ପ୍ରସ୍ତୁତି କରାଯାଉଛି । ବିଶେଷଜ୍ଞଙ୍କ କହିବା କଥା ଜାମ୍ମୁ ଓ କାଶ୍ମୀରରେ ରାଜ୍ୟପାଳ ଶାସନ ଲାଗୁ ହେବା ସହିତ ଆତଙ୍କବାଦୀ ଓ ପଥର ଫିଙ୍ଗାଳିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ତୀବ୍ର ହୋଇପାରେ । ଉଚ୍ଚପଦସ୍ଥ ସୂତ୍ର ମୁତାବକ କାଶ୍ମୀରରେ ଅମରନାଥ ଯାତ୍ରା ପୂର୍ବରୁ ଆତଙ୍କବାଦୀଙ୍କ ବିରୋଧରେ କିଛି ବଡ଼ ଧରଣର ଅପରେସନ କରାଯାଇପାରେ । ଏଥିପାଇଁ ସେନାର ରାଷ୍ଟ୍ରୀୟ ରାଇଫଲ୍ସ ଓ ଜାମ୍ମୁ ଓ କାଶ୍ମୀର ପୋଲିସ ଦକ୍ଷିଣ କାଶ୍ମୀରର କିଛି ଜିଲ୍ଲାରେ ବଡ଼ ସ୍ତରରେ ଅଭିଯାନ ଚଳାଇବା ପାଇଁ ପ୍ରସ୍ତୁତି କରୁଛନ୍ତି । କୁହାଯାଉଛି ଯେ ସେନାର ଯବାନ ଔରଙ୍ଗଜେବ ଓ ସାମ୍ବାଦିକ ସୁଜାତ ବୁଖାରିଙ୍କ ହତ୍ୟା ପରେ ଦକ୍ଷିଣ କାଶ୍ମୀରରେ କିଛି ବଡ଼ ଅପରେସନ ଚଳାଇପାରନ୍ତି । ଏହା ବ୍ୟତୀତ ଆଗାମୀ ଦିନରେ ପାରା ସ୍ପେଶାଲ ବଳ ସହିତ ଅପରେସନ କିଲ୍ ଟପ୍ କମାଣ୍ଡର’ ଓ ଅପରେସନ ଅଲଆଉଟ୍’ ପରି କିଛି ନୂତନ ଅପରେସନ ମଧ୍ୟ ଆରମ୍ଭ କରାଯାଇପାରେ ।

ସେନା ଏହି ଅପରେସନ ବ୍ୟତୀତ ଦକ୍ଷିଣ କାଶ୍ମୀରରେ ପଥର ଫିଙ୍ଗାଳିଙ୍କ ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ ମଧ୍ୟ ନେଇ ପାରନ୍ତି । ଯଦି ଅତୀତ ଉପରେ ନଜର ପକାଯାଏ ତେବେ ୨୦୧୬ ହିଂସା ପରଠୁ କାଶ୍ମୀରରେ ବିଜେପି-ପିଡିପି ସରକାର ସମୟରେ ୯ ହଜାରରୁ ଅଧିକ ପଥର ଫିଙ୍ଗାଳିଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା । ଏହି ସବୁ ପଥର ଫିଙ୍ଗାଳିଙ୍କ ମଧ୍ୟରେ ବଡ଼ ସଂଖ୍ୟାରେ ଯୁବକ ସାମିଲ ଥିଲେ । ସେମାନଙ୍କୁ ଦକ୍ଷିଣ କାଶ୍ମୀରରୁ ଗିରଫ କରାଯାଇଥିଲା । ଗିରଫଦାରୀର କିଛି ମାସ ପରେ ମେହବୁବା ସରକାର ଶତାଧିକ ପଥର ଫିଙ୍ଗାଳିଙ୍କ ଉପରୁ ମୋକଦ୍ଦମା ଫେରାଇ ନେଇଥିଲା ।

ସୂତ୍ର ମୁତାବକ ଦିଲ୍ଲୀରେ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଓ ଗୃହ ସଚିବ ରାଜୀବ ଗୌବାଙ୍କ ସାକ୍ଷାତ ସମୟରେ ଘାଟିରେ ସୁରକ୍ଷାକୁ ନେଇ ବିସ୍ତୃତ ଆଲୋଚନା ହୋଇଛି । ଆଗାମୀ କିଛି ସମୟରେ କାଶ୍ମୀରକୁ ନେଇ କିଛି ବଡ଼ ନିଷ୍ପତ୍ତି ନିଆଯାଇପାରେ । ଏହି ନିଷ୍ପତ୍ତି ଉପରେ ବ୍ଲୁ ପ୍ରିଣ୍ଟ ନିର୍ଦ୍ଧାରଣ ପାଇଁ ଏବଂ ରାଜ୍ୟର ରାଜନୀତି ଉପରେ ଆଗକୁ ରଣନୀତି ପାଇଁ ଗୃହ ମନ୍ତ୍ରୀ ରାଜନାଥ ସିଂହଙ୍କ ଆବାସରେ ଏକ ସ୍ତରୀୟ ବୈଠକ ମଧ୍ୟ ହୋଇଛି । ଏଥିରେ ଗୃହ ମନ୍ତ୍ରଣାଳୟର ଅନେକ ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ ।

ନିସ୍ତାର ନାହିଁ

୧୦ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ

ଭୁବନେଶ୍ୱର, ୧୯।୬ (ସକାଳ ଖବର): ଆଜି ବି ତାତିରେ ଛଟପଟ ହୋଇଛି ଓଡ଼ିଶା । ଏଥିସହ ରାଜଧାନୀ ଭୁବନେଶ୍ୱର କ୍ରମାଗତ ଚତୁର୍ଥ ଥର ପାଇଁ ରାଜ୍ୟର ସର୍ବାଧିକ ଉତ୍ତପ୍ତ ସହର ପାଲଟିଛି । ମଙ୍ଗଳବାର ଭୁବନେଶ୍ୱରରେ ତାପମାତ୍ରା ୪୨.୩ ଡିଗ୍ରୀ ରେକର୍ଡ କରାଯାଇଛି । ସେହିପରି ରାଜ୍ୟର ୧୦ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି । ପାଣିପାଗ ବିଭାଗର ସୂଚନାନୁସାରେ, ଆଜି ମୟୂରଭଞ୍ଜ ଜିଲ୍ଲା ବାରିପଦାରେ ତାପମାତ୍ରା ୪୨ ଡିଗ୍ରୀ ରହିଥିବା ବେଳେ ତାଳଚେରରେ ୪୧.୦୯, ଅନୁଗୁଳ ୪୧.୦୭, ଚାନ୍ଦବାଲି ୪୦.୮, ବାଲେଶ୍ୱର, ବଲାଙ୍ଗିର ଓ ଟିଟିଲାଗଡ ୪୦.୫, ଢେଙ୍କାନାଳ ୪୦.୨ ଏବଂ କଟକରେ ୪୦.୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଏଠାରେ ପ୍ରକାଶଥାଉ କି, ଗତ କିଛିଦିନ ପରି ମଙ୍ଗଳବାର ସକାଳୁ ମଧ୍ୟ ଭୁବନେଶ୍ୱରରେ ଆରମ୍ଭ ହୋଇଯାଇଥିଲା ଅଗ୍ନିବର୍ଷା । ଟାଣ ଖରାସହ ତତଲା ଧାଁସ ମୁହଁ, ଦେହ ସିଝେଇ ଦେଉଥିଲା । ସକାଳ ୮ଟା ପରେ ଘରୁ ବାହାରିବା ମୁସ୍କିଲ ହୋଇଯାଇଥିଲା । ପ୍ରାୟ ଦିନ ୧୧ ଟା ପରେ ଭୁବନେଶ୍ୱର ପ୍ରମୁଖ ଜନଗହଳିପୂର୍ଣ୍ଣ ସ୍ଥାନ ଗୁଡିକ ଖାଁ ଖାଁ ଲାଗୁଥିଲା । ଦୋକାନ ବଜାର ମଧ୍ୟ ମଧ୍ୟାହ୍ନରେ ବନ୍ଦ ହୋଇଯାଉଥିଲା । ତେବେ ଅପରାହ୍ଣରେ କାଳବୈଶାଖୀ ପ୍ରଭାବରେ ଝଡବର୍ଷା ହେବା ପରେ ରାଜଧାନୀବାସୀ ସାମାନ୍ୟ ତାତିରୁ ଆଶ୍ୱସ୍ତି ପାଇଛନ୍ତି । ଅନ୍ୟପକ୍ଷରେ ଆହୁରି ଦୁଇରୁ ଚାରି ଦିନ ଏପରି ପାଗ ଲାଗି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

ରାଜଧାନୀରେ ଝଡ଼ବର୍ଷା ତାଣ୍ଡବ

ଭୁବନେଶ୍ୱର, ୧୯।୬ (ସକାଳ ଖବର): ଭୁବନେଶ୍ୱରରେ କିଛି ସମୟ ପୂର୍ବରୁ ତାତି ଅସ୍ତବ୍ୟସ୍ତ କରୁଥିବା ବେଳେ ହଠାତ୍ କାଳବୈଶାଖୀ ପ୍ରଭାବ ସହରରେ ଦେଖିବାକୁ ମିଳିଛି । ବର୍ଷା ଓ ଝଡତୋଫାନ ଫଳରେ ରାଜଧାନୀର ଅନେକ ପ୍ରମୁଖ ସ୍ଥାନରେ ବଡ ବଡ ଗଛ ପଡି ରାସ୍ତାଜାମ ହେଇଥିବା ବେଳେ କେତେ ଲୋକ ଆହତ ମଧ୍ୟ ହୋଇଥିବା ସୂଚନା ମିଳିଛି । ସୂଚନାଯୋଗ୍ୟ, ଆଜି ସହରରେ ଅପରାହ୍ଣ ପ୍ରାୟ ୪ ଟା ବେଳେ କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ହେବା ସହ ଘଡଘଡି ଆରମ୍ଭ ହୋଇଯାଇଥିଲା । ଯାହାର ପ୍ରଭାବରେ ମାତ୍ର ୧୦ ମିନିଟ ଭିତରେ

ଭାଙ୍ଗିଲା ଗଛ, ଲୋକ ଆହତ

ଭୁବନେଶ୍ୱରର ସଚିବାଳୟ ମାର୍ଗ, ଏଜି ଓ ରାଜଭବନ ରାସ୍ତା ପାର୍ଶ୍ୱରେ ଥିବା ବଡ ବଡ ଗଛ ଭାଙ୍ଗି ରାସ୍ତା ଉପରେ ପଡିଥିଲା । ଫଳରେ ଯାନ ବାହାନ ବାଧାପ୍ରାପ୍ତ ହେବା ସହ ଗଛ ପଡି ୨ ଜଣ ଲୋକ ଆହତ ହୋଇଛନ୍ତି । ଏହା ବ୍ୟତିତ ଲୋୟର ପିଏମଜିରେ ଆନ୍ଦୋଳନରେ ବସିଥିବା ବେଳେ ଗଛ ଭାଙ୍ଗି ପଡିଯିବାରୁ ଆଇସିଟି ସ୍କୁଲ କୋର୍ଅଡିନେଟରର ୧୦ ଜଣ କର୍ମୀ ଆହତ ହୋଇଥିବା ସୂଚନା ମିଳିଛି । ରାସ୍ତାରେ ପଡିଥିବା ଗଛକୁ ଉଠାଇବା ପାଇଁ ଅଗ୍ନିଶମ ଓ ଓଡ୍ରାଫ ଟିମ୍ ନିୟୋଜିତ ହୋଇଛନ୍ତି । ଏଠାରେ ପ୍ରକାଶ ଥାଉ କି, ମଙ୍ଗଳବାର ଝଡ ତୋଫାନ ନେଇ ୬ଟି ଜିଲ୍ଲାକୁ ସତର୍କ କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର । ଏହି ସବୁ ଜିଲ୍ଲା ଗୁଡିକ ହେଲା ରାୟଗଡା, କଳାହାଣ୍ଡି, ଗଜପତି, ଗଞ୍ଜାମ, ଢେଙ୍କାନାଳ ଓ କେନ୍ଦୁଝର । ରାତି ସାଢେ ୮ଟା ଯାଏଁ ସତର୍କ ରହିବାକୁ ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି । ଏହି ସମୟରେ ୫୦ ରୁ ୬୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି ।

୪୨ଲକ୍ଷ ଲୁଟିନେଲେ

ବ୍ୟାଙ୍କ ଡକାୟତି

- କର୍ମଚାରୀ ଓ ଗ୍ରାହକଙ୍କୁ ଆଣ୍ଠେଇ ଦେଲେ
- ସିସିଟିଭି ହାଡ୍‌ଡିସ୍କ ବି ନେଇଗଲେ
- କ ଏଦ ହୋଇଛି ଲୁଟେରାଙ୍କ ଫଟୋ

ରାଉରକେଲା, ୧୯।୬ (ସକାଳ ଖବର): ରାଉରକେଲାରେ ମାତ୍ର କିଛି ଘଣ୍ଟାର ବ୍ୟବଧାନରେ ଏକ ବଡ଼ ଧରଣର ବ୍ୟାଙ୍କ ଡକାୟତି ହୋଇଛି । ବନ୍ଧୁକ ମୁନରେ ଲୁଟିନେଲେ ୪୨ ଲକ୍ଷରୁ ଅଧିକ ଟଙ୍କା । ଆଜି ବ୍ୟାଙ୍କ ଖୋଲୁ ଖୋଲୁ ୭ରୁ ୮ଜଣ ଡକାୟତ ବ୍ୟାଙ୍କ ଭିତରେ ପଶି ଲୁଟ୍ କରିବା ସହ ସିସିଟିଭି ହାର୍ଡ ଡିସ୍କକୁ ନେଇ ଯାଇଛନ୍ତି । ତେବେ ବ୍ୟାଙ୍କ ନିକଟରେ ଅନ୍ୟ ଦୋକାନରେ ଲାଗିଥିବା ସିସିଟିଭିରେ ତିନି ଲୁଟେରାଙ୍କ ଫଟୋ କଏଦ୍ ହୋଇଛି । ଆଜି ସକାଳ ପ୍ରାୟ ୯ଟା ୪୫ ହେବ । ସବୁଦିନ ପରି ଆଜି ମଧ୍ୟ ନିର୍ଦ୍ଧାରିତ ସମୟରେ ଖୋଲିଥିଲା । ରାଉରକେଲା ମଧୁସୂଦନନଗର ବଜାରରେ ଥିବା ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ଶାଖା । ତେବେ କାମ ଆରମ୍ଭ ହେବାର କିଛି ସମୟ ପରେ ହଠାତ ବ୍ୟାଙ୍କ ଭିତରକୁ ପଶି ଥିଲେ ୭ରୁ ୮ ଜଣ ଯୁବକ । ଜଣଙ୍କ ମୁଣ୍ଡରେ ହେଲମେଟ, ଅନ୍ୟ ଜଣଙ୍କ ମୁଣ୍ଡରେ ଟୋପି ଥିଲାଛ ଅନ୍ୟମାନେ ସାଧାରଣ ଗ୍ରାହକ ଭଳି ବ୍ୟାଙ୍କରେ ପ୍ରବେଶ କରିଥିଲେ । ତେବେ କେହି କିଛି ବୁଝିବା ଆଗରୁ ବନ୍ଧୁକ କାଢି ସମସ୍ତଙ୍କୁ ଡରାଇବାକୁ ଲାଗିଲେ । ବନ୍ଧୁକ ମୂନରେ କର୍ମଚାରୀଙ୍କୁ ଗୋଟିଏ କୋଣରେ ଆଣ୍ଠେଇ ଦେଇଥିଲେ । ଏହି ସମୟରେ ବ୍ୟାଙ୍କକୁ ଆସୁଥିବା ଗ୍ରାହକଙ୍କୁ ମଧ୍ୟ କର୍ମକାରୀଙ୍କ ସହ ଆଣ୍ଠେଇ ଦେଇଥିଲେ । ବନ୍ଧୁକଧାରୀ ତା’ପରେ ଚାବି ଦେବା ପାଇଁ ମ୍ୟାନେଜରଙ୍କୁ ଧମକାଇଥିଲେ । ତେବେ ସେ ରାଜି ନହେବାରୁ ତାଙ୍କୁ ମାଡ଼ ମାରି ଚାବି ଛଡାଇ ନେଇଥିଲେ । ଏହା ପରେ ଲକର ଖୋଲି ୪୨ ଲକ୍ଷରୁ ଅଧିକ ଟଙ୍କା ଧରି ଚମ୍ପଟ ମାରିଥିଲେ ଲୁଟେରା । ଗଲାବେଳେ ସିସିଟିଭି ହାର୍ଡଡିସ୍କକୁ ମଧ୍ୟ ନେଇଯାଇଥିଲେ । ୩୦ରୁ ୪୦ ମିନିଟ୍ ଧରି ବ୍ୟାଙ୍କ ଭିତରେ ଆତଙ୍କରାଜ୍ ଚଳାଇଥିଲେ ଲୁଟେରା । ଲୁଟେରା ଚମ୍ପଟ ମାରିବା ପରେ ପହଞ୍ଚିଥିଲେ ପୋଲିସ ଡିଆଇଜିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ । ଘଟମାସ୍ଥଳରେ ପହଞ୍ଚି ସେମାନେ ତନାଘନା ଆରମ୍ଭ କରିଛନ୍ତି । ଲୁଟେରାମାନେ ହିନ୍ଦୀରେ କଥା ହେଉଥିବାରୁ **(ପୃଷ୍ଠା-୭)**

ବ୍ୟାଙ୍କ କର୍ମଚାରୀଙ୍କ ଠୁ ଲୁଟିଲେ ୪ଲକ୍ଷ

ରାଉରକେଲା : ଦିନକୁ ଦିନ ଲୁଟେରାଙ୍କ ରାଜ୍ ଚାଲିଛି । ଗୋଟିଏ ଦିନରେ ଦୁଇ ଦୁଇଟି ଲୁଟ୍ ଘଟଣା ଘଟୁଛି । ଦିନ ଦିପହରେ ଡକାୟତମାନେ ଲୋକମାନଙ୍କ ଠାରୁ ଲୁଟୁଛନ୍ତି । ରାଉରକେଲାରେ ଜଣେ ଲୋକ ବ୍ୟାଙ୍କରୁ ଟଙ୍କା ନେଇ ଯାଉଥିବା ବେଳେ ୩ଜଣ ଲୁଟେରା ଆସି ୪ ଲକ୍ଷ ଟଙ୍କା ଝାମ୍ପିନେଲେ । ରାଉରକେଲା ସେକ୍ଟର ୧୯ରୁ ବ୍ୟାଙ୍କ ଅଫ୍ ଇଣ୍ଡିଆ କଚାରୁ ଶାଖାକୁ ଯାଉଥିଲା ଲୋକଟି ଟଙ୍କା ନେଇ । ବାଇକରେ ଯାଉଥିବା ବ୍ୟାଙ୍କ କର୍ମଚାରୀଙ୍କ ଠାରୁ ଦୁର୍ବୃତ୍ତ ମାନେ ୪ ଲକ୍ଷ ଟଙ୍କା ଲୁଟିନେବା ଘଟଣା ଜଣାପଡ଼ିବା ପରେ ପୋଲିସ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଯାଇଛି ।


ଭଲ ପାଇବା ଓ ଭକ୍ତି ସହିତ ଦାନ କରନ୍ତୁ

ହୁଣ୍ଡିର ଆୟ (୧୮.୬.୧୮)
୨,୪୧,୨୯୨

ଛତିଶଗଡ ପ୍ରଶାସନର ଜମି ଅକ୍ତିଆର ମାମଲା

ପ୍ରଶାସନିକ ତଦନ୍ତ ଆରମ୍ଭ

ନୂଆପଡା, ୧୯।୬ (ସକାଳ ଖବର): ଛତିଶଗଡ ପ୍ରଶାସନର ପୁଣି ଓଡିଶା ସୀମାରେ ଜବରଦଖଲ କରିବା ଅଭିଯୋଗରେ ଆଜି ନୂଆପଡା ଜିଲ୍ଲା ପ୍ରଶାସନ ତରଫରୁ ତଦନ୍ତ ଆରମ୍ଭ କରାଯାଇଛି । ସିନାପାଲି ତହସିଲଦାର ନୀଳାମ୍ବର ସୁନା ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିବା ସହିତ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଆଜି ତହସିଲର କର୍ମଚାରୀ ପହଞ୍ଚି ସୀମାବର୍ତ୍ତି ନୂଆମାଳପଡା ଯାଇ ବିବାଦ ଉପୁଜିଥିବା ସ୍ଥାନକୁ ମାପଜୁପ କରିଛନ୍ତି । ଏନେଇ ତହସିଲଦାରଙ୍କୁ ପଚାରିବାରୁ ସେ ସଂପୃକ୍ତ ସ୍ଥାନକୁ ଯାଇ ମାପ କରିଥିବା ବେଳେ ଏହି ଜମି ଓଡିଶା ସରକାରଙ୍କ ଗୋଚର କିସମର ସରକାରୀ ଜମି ଅଟେ ବୋଲି ପ୍ରକାଶ କରିଥିଲେ । ନୂଆମାଳପଡା ଗ୍ରାମର କିଛି ଗ୍ରାମବାସୀ କିଛି ବର୍ଷ ହେଲା ଏହି ଜମି ଉପରେ ଜବରଦଖଲ କରିଚାଷ କରିଆସୁଥିଲେ । ଏବେ ମଧ୍ୟ ସେମାନେ ଏହି ନୂଆମାଳପଡା ଗ୍ରାମର ଚାଷୀ ହଳନଙ୍ଗଳ କରିଥିବା ଜାଣିବାକୁ ପାଇଛି ବୋଲି କହିଥିଲେ । ହେଲେ ଛତିଶଗଡ ରାଜ୍ୟ ଏହି ଜମିକୁ ସୀମାନ୍ତବର୍ତ୍ତୀ ବୁର୍ଜାବାହାଲ ଗ୍ରାମର ଭୂମିହୀନଙ୍କୁ ବାଣ୍ଟିଦେଇଥିବା ଅଭିଯୋଗ ସଂପର୍କରେ ଛତିଶଗଡ ସରକାରଙ୍କ ସହିତ ଯୋଗାଯୋଗ କରି ଏ ସଂକ୍ରାନ୍ତରେ ତଦନ୍ତ କରାଯିବା ସହ ନୂଆପଡା ଜିଲ୍ଲାପାଳଙ୍କୁ ଜଣାଯିବ ବୋଲି କହିଥିଲେ । ଏଠାରେ ସୂଚନା ଯୋଗ୍ୟଯେ ଉକ୍ତ ସ୍ଥାନକୁ ଛତିଶଗଡ ରାଜ୍ୟ ଗରିଆବନ୍ଦ ଜିଲ୍ଲା ଅନ୍ତର୍ଗତ ଦେଭୋଗ ତହସିଲଦାର ତାଙ୍କ ରାଜ୍ୟର ସୀମାନ୍ତବର୍ତ୍ତି ବୁର୍ଜାବାହାଲ ଗ୍ରାମର କିଛି ଭୂମିହୀନଙ୍କୁ ବାଣ୍ଟି ଦେଇଥିବା ନେଇ ଗ୍ରାମବାସୀ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ତପସ୍ୱିନୀ ମାଝୀ ଏବଂ ତହସିଲଦାରଙ୍କ ଠାରେ ଅଭିଯୋଗ ହୋଇଥିଲା । ହେଲେ ଅଭିଯୋଗ ପରେ ମଧ୍ୟ ତଦନ୍ତ ପାଇଁ କୌଣସୀ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇ ନଥିଲା । ହେଲେ ବିଭିନ୍ନ ଗଣମାଧ୍ୟମରେ ଏ ସଂକ୍ରାନ୍ତରେ ଖବର ପ୍ରକାଶିତ ହେବା ପରେ ପ୍ରଶାସନ ତଦନ୍ତ ଆରମ୍ଭ ହୋଇଯାଇଛି । ସୀମା ଲଂଘୁଛି ଛତିଶଗଡା ମହାନଦୀର ଜଳକୁ ନେଇ ଦିର୍ଘ ଦିନ ହେବ ବିବାଦ ତୁଟି ନଥିବା ବେଳେ ଏବେ ନୂଆପଡା ଜିଲ୍ଲାର ସୀମାନ୍ତ ଗ୍ରାମର ଜମିକୁ **(ପୃଷ୍ଠା-୭)**

ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

ମୁକାବିଲା ପାଇଁ ପ୍ରସ୍ତୁତ ରୁହ : ମୁଖ୍ୟମନ୍ତ୍ରୀ

ଓଡ଼ିଶା ସରକାର
ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ
ଜୁନ୍ ୧୯, ୨୦୧୮
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଭୁବନେଶ୍ୱର, ୧୯।୬ (ସକାଳ ଖବର): ଚଳିତ ବର୍ଷ କମ ବର୍ଷା ହେବା ସତ୍ୱେ ସମ୍ଭାବିତ ବନ୍ୟା ଓ ବାତ୍ୟା ପାଇଁ ଆମକୁ ପ୍ରସ୍ତୁତ ରହିବାକୁ ପଡିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ରାଜ୍ୟ ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ଉଦବୋଧନ ଦେଇ ଶ୍ରୀ ପଟ୍ଟନାୟକ ଏହା କହିଛନ୍ତି । ପ୍ରାକ ଚେତାବନୀ ପ୍ରଣାଳୀ, ଉଦ୍ଧାର ଓ ରିଲିଫ କାର୍ଯ୍ୟ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ଓ ଗୃହପାଳିତ ପଶୁ ମାନଙ୍କ ସହିତ ଅନ୍ୟାନ୍ୟ ସେବା କିପରି ସଠିକ ଭାବେ ହୋଇ ପାରିବ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି । ପ୍ରାକୃତିକ ବିପର୍ଯ୍ୟୟ ସ୍ଥିତିରେ ଶିଶୁ, ଗର୍ଭବତୀ ମହିଳା, ଦିବ୍ୟାଙ୍ଗ, ବିଧବା ଓ ବୟୋଜେଷ୍ଠ ଲୋକ ମାନଙ୍କର ଉପରେ ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି ଶ୍ରୀ ପଟ୍ଟନାୟକ । ଅଲ ଓଡିଶା ଡାଇଜାଷ୍ଟର ର୍ୟାପିଡ ଆକ୍ସନ ଫୋର୍ସ, ଅଗ୍ନିଶମ ବିଭାଗର ଟିମ ସମ୍ପୂର୍ଣ ପ୍ରସ୍ତୁତ ରହିବାକୁ ସେ ପରାମର୍ଶ ଦେଇଛନ୍ତି । ସମ୍ଭାବିତ ପ୍ରାକୃତିକ **(ପୃଷ୍ଠା-୭)**

୨୬ରେ ଖୋଲିବ ସ୍କୁଲ

ଭୁବନେଶ୍ୱର, ୧୯।୬ (ସକାଳ ଖବର): ରାଜ୍ୟରେ ଜାରି ରହିଥିବା ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ରାଜ୍ୟ ସରକାର ପୁଣି ଥରେ ସ୍କୁଲ ଛୁଟିର ଅବଧିକୁ ବୃଦ୍ଧି କରିଛନ୍ତି । ଜୁନ୍ ୨୬ ତାରିଖରେ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଖୋଲିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ପୂର୍ବରୁ ସରକାର ଜୁନ୍ ୧୮ ଯାଏଁ ଖରାଛୁଟି ଘୋଷଣା କରିଥିଲେ । ମାତ୍ର ଖରାର ତାପମାତ୍ରା ଅଧିକ ହେବାରୁ ଜୁନ ୧୬ ତାରିଖରେ ଏହାକୁ ୩ଦିନ ବୃଦ୍ଧି କରାଯାଇ ୨୧ ତାରିଖ ପର୍ଯ୍ୟନ୍ତ କରି ଦିଆଯାଇଥିଲା । ତେବେ ଆଜି ପୁଣି ଥରେ ଖରାକୁ ଦୃଷ୍ଟିରେ ରଖି ଏହି ଛୁଟିକୁ ଆହୁରି ୪ ଦିନ ବୃଦ୍ଧି କରାଯାଇଛି । ଜୁନ ୨୫ ତାରିଖ ଯାଏଁ ଛୁଟି ଦିଆଯାଇଥିବା ବେଳେ ଜୁନ ୨୬ ତାରିଖ (ମଙ୍ଗଳବାର)ରେ ସ୍କୁଲ ଖୋଲିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଫଳରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ଉଭୟଙ୍କୁ ଆଶ୍ୱସ୍ତି ମିଳିଛି ।

[illegible]

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick